# NATIONAL NEWS BULLETIN (ODIA)

## 01 January - 2026

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଦେଶରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ କୃତ୍ରିମ ବୁଦ୍ଧିମତା ସୁଯୋଗ ସୃଷ୍ଟି କରିଛି; କହିଲେ ରାଷ୍ଟ୍ରପତି

– ରାଇରଙ୍ଗପୁରର ଇଗ୍ନୋ ଆଞ୍ଚଳିକ ଦକ୍ଷତା କେନ୍ଦ୍ରକୁ ଆଭାସୀ ମାଧ୍ୟମରେ କଲେ ଉଦ୍‌ଘାଟନ

- ଡିଆରଡିଓ ଦ୍ୱାରା ବିକଶିତ ଅସ୍ତ୍ରଶସ୍ତ୍ର ଅପରେସନ୍ ସିନ୍ଦୂର ପଦକ୍ଷେପରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା; କହିଲେ ପ୍ରତିରକ୍ଷା ମନ୍ତ୍ରୀ

- ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଗୁଆହାଟୀ ଓ କୋଲକାତା ମଧ୍ୟରେ ଚଳାଚଳ କରିବ

- ୟୁକ୍ରେନ୍ ଡ୍ରୋନ୍ ଆକ୍ରମଣରେ ରୁଷ୍‌ରେ ୨୪ ଜଣଙ୍କର ମୃତ୍ୟୁ

ଏବଂ

- କର୍ଣ୍ଣାଟକୀ ଏବଂ ହିନ୍ଦୁସ୍ତାନୀ ଶୈଳୀରେ ପ୍ରସ୍ତୁତ ଜାତୀୟ ଗୀତ ବନ୍ଦେ ମାତରମ୍’ର ଦୁଇଟି ସଂସ୍କରଣ ଉନ୍ମୋଚିତ

# ପ୍ରେଜ୍‌-ସୋର୍‌

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୈତିକ ରାଷ୍ଟ୍ରଭାବେ ପରିଣତ ହେବା ଦିଗରେ ଅଗ୍ରଗତି କରୁଛି। ରାଷ୍ଟ୍ରପତି ଭବନରେ  କୃତ୍ରିମ ବୁଦ୍ଧିମତା ପ୍ରସ୍ତୁତି ପାଇଁ ଦକ୍ଷତା–ସୋର୍‌' ଶୀର୍ଷକ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି, ଭାରତୀୟ ଅର୍ଥନୀତି ପାଇଁ କୃତ୍ରିମ ବୁଦ୍ଧିମତା ଅଭିବୃଦ୍ଧିର ମାଧ୍ୟମ ପାଲଟିଛି। କୃତ୍ରିମ ବୁଦ୍ଧିମତା କେବଳ ଏକ ପ୍ରଯୁକ୍ତିବିଦ୍ୟା ନୁହେଁ ବରଂ ଭାରତର ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ସୁଯୋଗ ସୃଷ୍ଟି କରିଛି। ଆଗାମୀ ଦଶନ୍ଧିରେ ଦେଶର ଜିଡିପି, ନିଯୁକ୍ତି ଏବଂ ସାମଗ୍ରୀକ ଉତ୍ପାଦକତାରେ କୃତ୍ରିମ ବୁଦ୍ଧିମତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଷ୍ଟ୍ରପତି କହିଛନ୍ତି।

**V/O– PREZ**

ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ଗୁରୁତ୍ୱ ଦ୍ରୁତଗତିରେ ବୃଦ୍ଧି ପାଉଛି। ପ୍ରଯୁକ୍ତିବିଦ୍ୟା ଶିକ୍ଷା ଉପରେ ସେ ଗୁରୁତ୍ୱ ପ୍ରଦାନ କରି କହିଛନ୍ତି, ସରକାର ବିଭିନ୍ନ ପ୍ରତିଷ୍ଠାନ, ଶିଳ୍ପ ଅଂଶୀଦାର ଏବଂ ଶିକ୍ଷାନୁଷ୍ଠାନ ସହିତ ମିଳିତ ଭାବେ ଦାୟିତ୍ୱପୂର୍ଣ୍ଣ ଭବିଷ୍ୟତ ଗଠନ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି।

ଏହି ଅବସରରେ ରାଷ୍ଟ୍ରପତି' ଛାତ୍ରଛାତ୍ରୀ ଏବଂ ସଂସଦ ସଦସ୍ୟଙ୍କ ସମେତ ପ୍ରଶିକ୍ଷାର୍ଥୀଙ୍କୁ ଏ.ଆଇ. ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ସ୍କିଲ୍‌ ଦି

ନେସନ୍ ଚ୍ୟାଲେଞ୍ଜ' ନାମକ ଜାତୀୟ ସଚେତନତା ଅଭିଯାନକୁ ମଧ୍ୟ ରାଷ୍ଟ୍ରପତି ଆଜି ଆରମ୍ଭ କରିଛନ୍ତି। ଏଭଳି ଅଭିଯାନ ଶିକ୍ଷାର୍ଥୀଙ୍କୁ ସଶକ୍ତ କରିବା ସହିତ ସେମାନଙ୍କର ଦକ୍ଷତା ବୃଦ୍ଧି ଏବଂ ଦେଶରେ ଭବିଷ୍ୟତ ପାଇଁ ପ୍ରସ୍ତୁତ ମାନବ ସମ୍ବଳ ସୃଷ୍ଟି କରିବାରେ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମ ଅବସରରେ ରାଷ୍ଟ୍ରପତି ଆଭାସୀ ମାଧ୍ୟମରେ ରାଇରଙ୍ଗପୁରର ଇଗ୍ନୋ ଆଞ୍ଚଳିକ ଓ ଦକ୍ଷତା କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି।

ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଦକ୍ଷତା ବିକାଶ, ଉଦ୍ୟମିତା ଓ ଶିକ୍ଷା ରାଷ୍ଟ୍ର ମନ୍ତ୍ରୀ ଜୟନ୍ତ ଚୌଧୁରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଡି.ଆର.ଡି.ଓ. ପ୍ରତିଷ୍ଠା ଦିବସ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଅପରେସନ୍ ସିନ୍ଦୂର ଅଭିଯାନ ସମୟରେ ଡି.ଆର.ଡି.ଓ ଦ୍ୱାରା ବିକଶିତ ଅସ୍ତ୍ରଶସ୍ତ୍ର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା। ଡି.ଆର୍.ଡି.ଓ.ର ୬୮ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ନୂଆଦିଲ୍ଲୀସ୍ଥିତ ମୁଖ୍ୟ କାର୍ଯ୍ୟାଳୟକୁ ଗସ୍ତ କ୍ରମରେ ଶ୍ରୀ ସିଂହ କହିଛନ୍ତି, ଡି.ଆର୍.ଡି.ଓ. ଉପକରଣ ଗୁଡ଼ିକ ଅପରେସନ୍ ସିନ୍ଦୂର ସମୟରେ ନିରବଚ୍ଛିନ୍ନ ଭାବେ କାର୍ଯ୍ୟ କରିବା ସହ ସେନାର ମନୋବଳ ବୃଦ୍ଧି କରିଥିଲା। ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ଆଧାରରେ ପ୍ରସ୍ତୁତ ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ଭାରତର ପ୍ରତିରକ୍ଷା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିଛି ବୋଲି ଶ୍ରୀ ସିଂହ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଘୋଷିତ ସୁଦର୍ଶନ

ଚକ୍ର ଦୃଷ୍ଟିକୋଣରେ ଡି.ଆର.ଡି.ଓ. ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଶ୍ରୀ ସିଂହ ଆଶାବ୍ୟକ୍ତ କରିଛନ୍ତି। ନବସୃଜନ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରି ଘରୋଇ କ୍ଷେତ୍ରର ଅଂଶଗ୍ରହଣକୁ ପ୍ରୋତ୍ସାହନ ପ୍ରଦାନ କରୁଥିବା କ୍ଷେତ୍ର ଚିହ୍ନଟ କରିବାକୁ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ଡି.ଆର.ଡି.ଓ.କୁ ପରାମର୍ଶ ଦେଇଛନ୍ତି।

ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗର ସଚିବ ତଥା ଡି.ଆର୍.ଡି.ଓ ଅଧ୍ୟକ୍ଷ ଡକ୍ଟର ସମୀର ଭି.କାମତ୍ ଗବେଷଣା ଓ ବିକାଶ କାର୍ଯ୍ୟକଳାପ-୨୦୨୫ ଅଧୀନରେ ଡି.ଆର୍.ଡି.ଓ. ପକ୍ଷରୁ ଜାରି ରହିଥିବା ବିଭିନ୍ନ ପଦକ୍ଷେପ ଗୁଡ଼ିକ ଉପରେ ଆଲୋକପାତ କରିବା ସହ ଚଳିତ ବର୍ଷ ଗ୍ରହଣ କରାଯିବାକୁ ଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି।

## ଏନଏଚ୍ଏଆଇ– କେୱାଇଭି କାର୍ଡସ

ସମସ୍ତ ପ୍ରକାର ନୂତନ ଫାଷ୍ଟଟ୍ୟାଗ୍ ପ୍ରଦାନ ପାଇଁ ରହିଥିବା ନୋ ୟୋର୍ ଭେଇକିଲ୍- କେ.ୱାଇ.ଭି. କାର୍ଡ ଆସନ୍ତା ମାସ ପହିଲାରୁ ବନ୍ଦ କରିବା ପାଇଁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଘୋଷଣା କରିଛି। ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ କହିଛି, ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ତେବେ ଅଭିଯୋଗ ରହିଥିବା କ୍ଷେତ୍ରରେ କେ.ୱାଇ.ଭି. କାର୍ଡର ଆବଶ୍ୟକତା ପଡ଼ିବ। ଅଭିଯୋଗ ନ ଥିଲେ ଫାଷ୍ଟଟ୍ୟାଗ୍ ପ୍ରଦାନ ପାଇଁ କେ.ୱାଇ.ଭି.ର

ଆବଶ୍ୟକତା ପଡ଼ିବ ନାହିଁ ବୋଲି ମନ୍ତ୍ରଣାଳୟ ସ୍ପଷ୍ଟ କରିଛି। କାର୍‌ଗୁଡ଼ିକ ପାଇଁ ଫାଷ୍ଟଟ୍ୟାଗ ପ୍ରଦାନ ପୂର୍ବରୁ ସମସ୍ତ ପ୍ରକାର ଯାନବାହନ ଯାଞ୍ଚ ପ୍ରକ୍ରିୟା ଶେଷ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି।

## ବୈଷ୍ଣବ ବନ୍ଦେ ଭାରତ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଦେଶର ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଗୁଆହାଟୀ ଓ କୋଲକାତା ମଧ୍ୟରେ ଚଳାଚଳ କରିବ। ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଗାମୀ ୧୫ରୁ ୨୦ ଦିନ ମଧ୍ୟରେ ଏହି ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିବେ। ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ଏହି ଟ୍ରେନ୍‌ର ଦ୍ରୁତତମ ଚଳାଚଳ ପରୀକ୍ଷଣ ସଫଳତାର ସହ ସମ୍ପନ୍ନ ହୋଇଥିବା ସେ କହିଛନ୍ତି। ୧୬ଟି କୋଚ୍ ବିଶିଷ୍ଟ ଏହି ସ୍ଲିପର ଟ୍ରେନ୍ ୧ ହଜାରରୁ ଦେଢ଼ ହଜାର କିଲୋମିଟର ପର୍ଯ୍ୟନ୍ତ ଦୂରଗାମୀ ଯାତ୍ରା ପାଇଁ ବିକଶିତ କରାଯାଇଛି। ଶ୍ରୀ ବୈଷ୍ଣବ କହିଛନ୍ତି, ଯାତ୍ରୀଙ୍କୁ ଅତ୍ୟାଧୁନିକ ଓ ଆରାମଦାୟକ ସୁବିଧା ପ୍ରଦାନର ବ୍ୟବସ୍ଥା ଏହି ଟ୍ରେନ୍‌ରେ ରହିଛି।

**V/O- Ashwini Baishnab**

# ୟୁକ୍ରେନ୍ ଡ୍ରୋନ୍ ଆଟାକ

ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣରେ ରୁଷ୍‌ର ୨୪ ଜଣ ନାଗରିକଙ୍କ ମୃତ୍ୟୁ ହୋଇଥିବା ବେଳେ ୫୦ରୁ ଅଧିକ ଆହତ ହୋଇଥିବା ଜଣାଯାଇଛି । ରୁଷ୍‌ର ଖରସନ ଅଞ୍ଚଳରେ ନବବର୍ଷର ଖୁସି ପାଳନ କରାଯାଉଥିବା ବେଳେ ଏକ କାଫେ ଏବଂ ହୋଟେଲ ଉପରେ ଗତକାଲି ରାତିରେ ଏହି ଆକ୍ରମଣ କରାଯାଇଥିଲା ।

ଖରସନ୍ ଗଭର୍ଣ୍ଣର୍ ଭୋଲୋଡିମିର୍ ସାଲ୍‌ଦୋ ଗଣମାଧ୍ୟମକୁ କହିଛନ୍ତି, ରୁଷ୍‌ର ନାଗରିକମାନେ ନବବର୍ଷ ପାଳନ ନିମନ୍ତେ ଏକତ୍ରୀତ ହୋଇଥିବା ବେଳେ ଏହି ଆକ୍ରମଣ ହୋଇଥିଲା ।  ରୁଷିଆର ବୈଦେଶିକ ମନ୍ତ୍ରଣାଳୟ କହିଛି, ୟୁକ୍ରେନ୍‌ର ଏହି ଆକ୍ରମଣକୁ ରୁଷ୍ ଦୃଢ଼ ଭାବେ ପ୍ରତିହତ କରିବା ସହ ୧୬୮ଟି ୟୁକ୍ରେନ୍ ଡ୍ରୋନ୍‌କୁ ବିଧ୍ୱସ୍ତ କରିବାରେ ସଫଳ ହୋଇଛି । ଡ୍ରୋନ୍ ଆକ୍ରମଣର ଭୟଜନିତ କାରଣରୁ ରୁଷ୍‌ର କେନ୍ଦ୍ର ଏବଂ ଦକ୍ଷିଣାଞ୍ଚଳର ଅନେକଗୁଡ଼ିଏ ବିମାନ ବନ୍ଦରକୁ ଭୟଜନିତ କାରଣରୁ ବନ୍ଦ କରାଯାଇଛି ।

# ବନ୍ଦେ ମାତରମ୍- ଆକାଶବାଣୀ

ନୂଆଦିଲ୍ଲୀର ଆକାଶବାଣୀ ଭବନରେ ଜାତୀୟ ଗୀତ 'ବନ୍ଦେ ମାତରମ୍'ର ଦୁଇଟି ସଂସ୍କରଣକୁ ପ୍ରସାର ଭାରତୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ– ସିଇଓ ଗୌରବ ଦ୍ୱିବେଦୀ ଆଜି ଉନ୍ମୋଚନ କରିଛନ୍ତି । ଆକାଶବାଣୀ ଦ୍ୱାରା ପ୍ରସ୍ତୁତ ହେବାକୁ ଥିବା ଜାତୀୟ ଗୀତର ୨୫ ପ୍ରକାର

ସଂସ୍କରଣ ମଧ୍ୟରୁ ଏହା ହେଉଛି ପ୍ରଥମ ଦୁଇଟି ଉପସ୍ଥାପନା। 'ବନ୍ଦେ ମାତରମ୍'ର ୧୫୦ ତମ ବାର୍ଷିକୀ ପାଳନର ସ୍ମାରକୀ ଅଂଶସ୍ୱରୂପ ଏହି ସଂସ୍କରଣଗୁଡିକ ଡିଜିଟାଲ୍ ମାଧ୍ୟମରେ ମୁକ୍ତିଲାଭ କରିଛି। ଏହି ଅବସରରେ ଶ୍ରୀ ଦ୍ୱିବେଦୀ କହିଛନ୍ତି, ବନ୍ଦେ ମାତରମ୍ କେବଳ ସ୍ୱାଧୀନତା ଆନ୍ଦୋଳନର ଏକ ଗୀତ ନୁହେଁ ବରଂ ଏହା ଜାତୀୟ ଏକତା ଏବଂ ଅଖଣ୍ଡତାର ଏକ ଚିରସ୍ଥାୟୀ ପ୍ରତୀକ। ଭିନ୍ନ ଭିନ୍ନ ସଙ୍ଗୀତ ଶୈଳୀରେ ପ୍ରସ୍ତୁତ ଏହି ଗୀତର ବିଭିନ୍ନ ସଂସ୍କରଣ ଦେଶର ନାଗରିକଙ୍କ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ ଏବଂ ଦେଶର ସାଂସ୍କୃତିକ ବିବିଧତାକୁ ମଜବୁତ କରିବ ବୋଲି ଶ୍ରୀ ଦ୍ୱିବେଦୀ ଆଶା ପ୍ରକାଶ କରିଛନ୍ତି।

ଆକାଶବାଣୀ ସମ୍ବାଦ ବିଭାଗ ସହ ସ୍ୱତନ୍ତ୍ର ଆଲୋଚନାବେଳେ ସେ କହିଛନ୍ତି, ଦେଶବାସୀ 'ବନ୍ଦେ ମାତରମ୍'କୁ କେବଳ ଏକ ଗୀତ ଭାବରେ ନୁହେଁ ବରଂ ଏକ ସ୍ଲୋଗାନ ଏବଂ ଅଭିବାଦନ ଭାବରେ ଗ୍ରହଣ କରୁଛନ୍ତି। ସେ କହିଛନ୍ତି, ଜାତୀୟ ଗୀତର ବିଭିନ୍ନ ଦିଗକୁ ହୃଦୟଙ୍ଗ କରିବା ଦ୍ୱାରା ଜନସାଧାରଣଙ୍କୁ ରାଷ୍ଟ୍ର ଉଦ୍ଦେଶ୍ୟରେ ପୁନଃସମର୍ପିତ କରିବାର ଏହି ପଦକ୍ଷେପ ଏକ ସୁଯୋଗ ପ୍ରଦାନ କରିବ।

ଆକାଶବାଣୀ ସମ୍ବାଦ ବିଭାଗ ସହିତ କଥାବାର୍ତ୍ତା କରି, ଦୁଇଟିଯାକ ସଂସ୍କରଣର ସ୍ୱର ସଂଯୋଜକ ଉସ୍ତାଦ ଜୋହର ଅଲ୍ଲୀ କହିଛନ୍ତି, ଗୋଟିଏ ସଂସ୍କରଣ କର୍ଣ୍ଣାଟକୀଶୈଳୀରେ ଏବଂ ଅନ୍ୟଟି ହିନ୍ଦୁସ୍ତାନୀ ଶୈଳୀରେ ପ୍ରସ୍ତୁତ କରାଯାଇଛି।

## ଜିଏସ୍‌ଟି କଲେକସନ୍- ଡିସେମ୍ବର

ସାମଗ୍ରୀ ଓ ସେବା କର–ଜିଏସଟି’ର ସଂଗ୍ରହ ଗତ ମାସରେ ୬ ଦଶମିକ ୧ ପ୍ରତିଶତ ବୃଦ୍ଧି ପାଇ ମୋଟ ୧ ଲକ୍ଷ ୭୫ ହଜାର କୋଟି ଟଙ୍କାରେ ପହଁଞ୍ଚିଛି । ୨୦୨୪ ମସିହା ଡିସେମ୍ବର ମାସରେ ଜିଏସ୍‌ଟି ରାଜସ୍ୱ ୧ ଲକ୍ଷ ୬୪ ହଜାର କୋଟି ଟଙ୍କାରୁ ଅଧିକ ଥିଲା । ଗତ ମାସରେ କେନ୍ଦ୍ରୀୟ ଜିଏସଟି ସଂଗ୍ରହ ୩୪ ହଜାର ୨୮୯ କୋଟି ଟଙ୍କା ଏବଂ ରାଜ୍ୟ ଜିଏସ୍‌ଟି ୪୧ ହଜାର ୩୬୮ କୋଟି ଟଙ୍କା ଥିଲା । ସମନ୍ୱିତ ଆଇ.ଜି.ଏସ.ଟି ବାବଦରେ ୯୮ ହଜାର ୮୯୪ କୋଟି ଟଙ୍କା ସଂଗୃହୀତ ହୋଇଛି ।

## ପିଆଇବି ଫ୍ୟାକ୍ଟ ଚେକ୍ ଟ୍ୟାକ୍ସ

୧୦ ଲକ୍ଷ ଟଙ୍କାରୁ ଅଧିକ ବ୍ୟାଙ୍କ କାରବାର ଉପରେ ୮୫ ପ୍ରତିଶତ ଟିକସ ଲାଗୁ ସଂକ୍ରାନ୍ତ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ବାର୍ତ୍ତାକୁ ସରକାର ଖଣ୍ଡନ କରିଛନ୍ତି । ପତ୍ର ସୂଚନା କାର୍ଯ୍ୟାଳୟର ତଥ୍ୟ ଯାଞ୍ଚ ୟୁନିଟ୍ କହିଛି, ଏହି ବାର୍ତ୍ତା ସମ୍ପୂର୍ଣ୍ଣ ମିଥ୍ୟା ଏବଂ ତଥ୍ୟଭିତ୍ତିକ ନୁହେଁ । ଆୟକର କେବଳ ଆୟ ଉପରେ ଲାଗୁ ହେଉଥିବା ବେଳେ କାରବାର ଉପରେ ହୁଏ ନାହିଁ ବୋଲି ୟୁନିଟ୍ ସ୍ୱଷ୍ଟ କରିଛି । ୧୦ ଲକ୍ଷ ଟଙ୍କାରୁ ଅଧିକ ବ୍ୟାଙ୍କ କାରବାର ଉପରେ କୌଣସି ପ୍ରକାର ଟିକସ ଲାଗୁ ନେଇ ଆୟକର ଆଇନରେ ବ୍ୟବସ୍ଥା ନାହିଁ ବୋଲି ତଥ୍ୟ ଯାଞ୍ଚ ୟୁନିଟ୍ ସ୍ୱଷ୍ଟ କରିଛି । ଏଭଳି ମିଥ୍ୟା ପ୍ରଚାର ପ୍ରତି ସତର୍କ ରହିବାକୁ ତଥ୍ୟ ଯାଞ୍ଚ ୟୁନିଟ୍ ଜନସାଧାରଣଙ୍କୁ ଅନୁରୋଧ କରିଛି ।